[2009] 7 ଏସ୍ . ସି . ଆର୍ 102

# ମଥୁରା ସିଂହ ଏବଂ ଅନ୍ୟମାନେ

ବନାମ

ଉତ୍ତର ପ୍ରଦେଶ  ରାଜ୍ୟ

ଫୌଜଦାରୀ ଆବେଦନ ସଂଖ୍ୟା 851/2009

ଏପ୍ରିଲ 27,2009

**(ଡକ୍ଟର ଅରିଜିତ ପାଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି ନ୍ୟାୟମୂର୍ତ୍ତିଦ୍ୱୟ)**

ଫୌଜଦାରୀ ପ୍ରକ୍ରିୟା ସଂହିତା, 1973:

*ଧାରା 320 -  ଅପରାଧ ରଫା  - ଅଭିଯୁକ୍ତଙ୍କୁ ଧାରା 307/34 ଏବଂ 323/34 ଅନୁଯାୟୀ ବିଚାରଣ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଗଲା - କିନ୍ତୁ ଉଚ୍ଚ ନ୍ୟାୟାଳୟ, ଦୋଷୀସାବ୍ୟସ୍ତିକରଣକୁ  ଧାରା 324/34 ଏବଂ 323/34 ବଦଳାଇଦେଲେ - ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ଦ୍ୱାରା ଅପରାଧ ରଫା ନିମିତ୍ତ ଆବେଦନ - ଅନୁମତି ଦିଆଗଲା - ଦୋଷୀସାବ୍ୟସ୍ତିକରଣ ଏବଂ ଦଣ୍ଡବିଧାନକୁ ରଦ୍ଦ କରାଗଲା - ଦଣ୍ଡ ସଂହିତା 1860 ର ଧାରା 324/34 ଏବଂ 323/34  ।*

**ଉଚ୍ଚ ନ୍ୟାୟାଳୟଙ୍କ ରାୟ ଯେଉଁଥିରେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ଦ୍ୱାରା ଅପରାଧ ରଫା ନିମିତ୍ତ ଅନୁମତି ପାଇଁ ଆବେଦନ କରାଯିବାରୁ ଭାରତୀୟ ଦଣ୍ଡ ସଂହିତାର ଧାରା 307/34 ଏବଂ 323/34 ଅନୁଯାୟୀ ବିଚାରଣ ଅଦାଲତଙ୍କ ଦ୍ୱାରା କରାଯାଇଥିବା ଦୋଷୀସାବ୍ୟସ୍ତିକରଣକୁ ଭାରତୀୟ ଦଣ୍ଡ ସଂହିତାର ଧାରା 324/34 ଏବଂ 323/34 ଅନୁଯାୟୀ ବଦଳାଇ ଦିଆଯାଇଥିଲା ତାହା ବିରୁଦ୍ଧରେ ବର୍ତ୍ତମାନର ଆବେଦନ ଦାଖଲ କରାଗଲା ।**

**ଏହି ଆବେଦନକୁ ଫଇସଲା କରିବାରେ ଏହି ନ୍ୟାୟାଳୟ**

**ରାୟ ଦେଲେ ଯେ  ଅଭିଯୋଗକାରୀ ସତ୍ୟପାଠରେ ଦର୍ଶାଯାଇଥିବା ପର୍ଯ୍ୟାପ୍ତ ଏବଂ ଯଥାର୍ଥ କାରଣ ପାଇଁ ଆବେଦନକାରୀଙ୍କ ସହିତ ଅପରାଧକୁ ରଫା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏହିପରି ରଫା ଉପଯୁକ୍ତ ହେବ । ଯେ ପର୍ଯ୍ୟନ୍ତ ଭାରତୀୟ ଦଣ୍ଡ ସଂହିତାର ଧାରା 323 ଅନୁଯାୟୀ ଅପରାଧ ଜଡ଼ିତ , ସେହି କ୍ଷେତ୍ରରେ ଆହତଙ୍କ ସମ୍ମତିରେ ଏହା ରଫା ଯୋଗ୍ୟ ହୋଇପାରିବ । ଯେ**

**ପର୍ଯ୍ୟନ୍ତ ଭାରତୀୟ ଦଣ୍ଡ ସଂହିତାର ଧାରା 324 ଅନୁଯାୟୀ ଅପରାଧ ଜଡ଼ିତ , ସେହି କ୍ଷେତ୍ରରେ ଭାରତୀୟ ଦଣ୍ଡ ସଂହିତାର ଧାରା 320 ର ଉପ-ଧାରା (2) ଅନୁଯାୟୀ ନ୍ୟାୟାଳୟଙ୍କ ଅନୁମତି ସହ ଏହାକୁ ଆହତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ରଫା କରାଯାଇପାରିବ । ଅପରାଧକୁ ରଫା କରିଯିବାକୁ ଅନୁମତି ଦେଇ , ଦୋଷୀସାବ୍ୟସ୍ତିକରଣ ଏବଂ ଦଣ୍ଡବିଧାନକୁ ରଦ୍ଦ କରିଦିଆଗଲା ।**

*ମନୋଜ ଏବଂ ଅନ୍ୟଜଣେ ବନାମ ମଧ୍ୟପ୍ରଦେଶ ରାଜ୍ୟ* (9) SCC A 116) -ମାମଲା ଉପରେ ନିର୍ଭର କରଗଲା ।

**ନଜିର୍ ସୂଚନା**

**2008 ( 9) SCC 116)** ମାମଲାର ଅନୁଚ୍ଛେଦ **4** ଉପରେ ନିର୍ଭର କରାଗଲା ।

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 851/2009 ।

ଫୌଜଦାରୀ ଆବେଦନ ସଂଖ୍ୟା 636/1985 ରେ ଆହ୍ଲାବାଦ ସ୍ଥିତ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ଲକ୍ଷ୍ନୌ ଖଣ୍ଡପୀଠଙ୍କର 31.03.2008 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏସ୍. ପାରିଖ୍, ଏ. ଏନ୍. ସିଂହ, ଜେ. ସାହୁ, ମମତା ସକ୍ସେନା, ଅନିତା ଶିନୋୟ ।

ଉତ୍ତରଦାତାଙ୍କ ତରଫରୁ ଆଦିତ୍ୟ କେ. ଦୁବେ, ଶଙ୍କର ଦିଭାତେ, ଉମେଶ ବି. ଚୌରାସିଆ ।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ**ଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1. ଅନୁମତି ପ୍ରଦାନ କରାଗଲା ।

2. ଆବେଦନକାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଆଂଶିକ ଭାବରେ ଅନୁମତି ଦେଇ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର ଲକ୍ଷ୍ନୌ ଖଣ୍ଡପୀଠଙ୍କର ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ରାୟକୁ ଏହି ଆବେଦନରେ ଆପତ୍ତି କରାଯାଇଛି । ଆବେଦନକାରୀମାନଙ୍କୁ ସୁଲତାନପୁରର ବିଦ୍ୱାନ ଅତିରିକ୍ତ ଦୌରା ବିଚାରପତିଙ୍କ ଦ୍ୱାରା ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ସଂହିତା') ର ଧାରା 34 ସହିତ ଧାରା 307 ଏବଂ 324 କୁ

ଲାଗୁ କରି ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏଠାରେ ହୋଇଥିବା ଅପରାଧ ପାଇଁ ଧାରା 307 ସହ ଧାରା 34 କୁ ଲାଗୁ କରି ପ୍ରତ୍ୟେକଙ୍କୁ ପାଞ୍ଚ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ଏବଂ ଧାରା 323/34 ଅନୁଯାୟୀ ହୋଇଥିବା ଅପରାଧ ପାଇଁ ପ୍ରତ୍ୟେକଙ୍କୁ ଛଅ ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା ।

2. ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଦୋଷୀସାବ୍ୟସ୍ତିକରଣକୁ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହ ଧାରା 324 ଏବଂ ଧାରା 34 ସହ ଧାରା 323 ଅନୁଯାୟୀ ବଦଳାଇ ଦେଇଥିଲେ । ବାସ୍ତବ ଦିଗକୁ ବିସ୍ତୃତ ଭାବରେ ଯିବାର ଆବଶ୍ୟକତା ନାହିଁ କାରଣ ଅଭିଯୋଗକାରୀ ଏବଂ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଏକ ଆବେଦନ ଦାଖଲ କରାଯାଇଛି ଯେଉଁଥିରେ ଦର୍ଶାଯାଇଛି ଯେ ଏହି ଘଟଣା ପ୍ରାୟ 25 ବର୍ଷ ପୂର୍ବରୁ ଘଟିଥିଲା ଏବଂ ପକ୍ଷମାନେ ପରସ୍ପର ସମ୍ପର୍କୀୟ, ତେଣୁ ସେମାନଙ୍କୁ ଅପାରାଧ ରଫା କରିବା ନିମିତ୍ତ ଅନୁମତି ଦିଆଯାଇପାରେ । ସମସ୍ତ ପକ୍ଷଙ୍କ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଆହତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ମୁଦ୍ରା ଦେବୀ 23.3.1985 ରେ ମୃତ୍ୟୁବରଣ କରିଛନ୍ତି ।

3. ଉପରେ ଉଲ୍ଲେଖ କରାଯାଇଥିବା ପରି, ବର୍ତ୍ତମାନ ଆବେଦନକାରୀମାନେ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ଧାରା 323 ଏବଂ 324 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ ।

*ମନୋଜ ଏବଂ ଅନ୍ୟଜଣେ ବନାମ ମଧ୍ୟ ପ୍ରଦେଶ ରାଜ୍ୟ* (2008 ( 9) SCC 116) ମାମଲାରେ ଏହି ନ୍ୟାୟାଳୟ ନିମ୍ନ ମତେ ନିର୍ଣ୍ଣୟ ନେଲେ :

13. ଆମେ ଅପରାଧର ରଫା ସହିତ ଜଡ଼ିତ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 320 (ସଂକ୍ଷେପରେ "CrPC") ର ପ୍ରାବଧାନଗୁଡ଼ିକୁ ଯାଞ୍ଚ କରିଛୁ । ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 320 ର ପ୍ରବଧାନ ରଖେ ଯେ ପରବର୍ତ୍ତୀ ସାରଣୀର ପ୍ରଥମ ଦୁଇଟି ସ୍ତମ୍ଭରେ ନିର୍ଦ୍ଦିଷ୍ଟ ଦଣ୍ଡବିଧି ଆଇନର ଧାରା ଅନୁଯାୟୀ ଦଣ୍ଡନୀୟ ଅପରାଧ ସେହି ସାରଣୀର ତୃତୀୟ ସ୍ତମ୍ଭରେ ଉଲ୍ଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ରଫା କରାଯାଇପାରେ । ଧାରା 320 ର ଉପଧାରା (2) ଅନୁଯାୟୀ, ପରବର୍ତ୍ତୀ ସାରଣୀର ପ୍ରଥମ ଦୁଇଟି ସ୍ତମ୍ଭରେ ନିର୍ଦ୍ଦିଷ୍ଟ, ଦଣ୍ଡ ସଂହିତାର ଧାରା ଅନୁଯାୟୀ ଦଣ୍ଡନୀୟ ଅପରାଧ, ନ୍ୟାୟାଳୟଙ୍କର ଅନୁମତି ସହିତ, ଯାହାଙ୍କ ସମ୍ମୁଖରେ ଏପରି ଅପରାଧ ପାଇଁ କୌଣସି ମକଦ୍ଦମା ବିଚାରାଧୀନ ଅଛି, ସେହି ଅପରାଧକୁ ସେହି ସାରଣୀର ତୃତୀୟ ସ୍ତମ୍ଭରେ ଉଲ୍ଲିଖିତ

ବ୍ୟକ୍ତିମାନଙ୍କ ଦ୍ୱାରା ରଫା କରାଯାଇପାରିବ । ବିପଜ୍ଜନକ ଅସ୍ତ୍ରଶସ୍ତ୍ର କିମ୍ବା ଅଭିଯୁକ୍ତଙ୍କ ଦ୍ୱାରା ସ୍ୱେଚ୍ଛାରେ ଆଘାତ କରିବା ଭାରତୀୟ ଦଣ୍ଡ ସଂହିତାର ଧାରା 324 ଅନୁଯାୟୀ ଏକ ଅପରାଧ ଅଟେ ଯାହାକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 320 ର ଉପଧାରା (2) ଅନୁଯାୟୀ ନ୍ୟାୟାଳୟଙ୍କର ଅନୁମତି ସହି ଆହତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ରଫା କରାଯାଇପାରେ ।

14. ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଫୌଜଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଅଧିନିୟମ, 2005 (2005 ମସିହାର ର ଅଧିନିୟମ 25) ସଂହିତାର ଧାରା 320 କୁ ସଂଶୋଧନ କରିଛି ଏବଂ ଉପଧାରା (2) (a) ଅଧୀନରେ ସାରଣୀରେ ସ୍ତମ୍ଭ 1 ରେ "ବିପଜ୍ଜନକ ଅସ୍ତ୍ର କିମ୍ବା ମାଧ୍ୟମ ଦ୍ୱାରା ସ୍ୱେଚ୍ଛାରେ ଆଘାତ କରିବା" ଶବ୍ଦଗୁଡିକୁ ଏବଂ ଏଥି ସହିତ ସ୍ତମ୍ଭ 2 ଏବଂ 3 ରେ ଥିବା ଶବ୍ଦଗୁଡିକୁ ମଧ୍ୟ ବାଦ ଦିଆଯାଇଛି । କିନ୍ତୁ 2005 ମସିହାର ଅଧିନିୟମ 25 ଦ୍ୱାରା ଉକ୍ତ ସଂଶୋଧନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ତେଣୁ, ଭାରତୀୟ ଦଣ୍ଡ ସଂହିତାର ଧାରା 324 ଅନୁଯାୟୀ ଅପରାଧ ଏବେବି ନ୍ୟାୟାଳୟଙ୍କର ଅନୁମତି ସହିତ ରଫା ଯୋଗ୍ୟ ।

5. ଆମେ ସନ୍ତୁଷ୍ଟ ଯେ ଅଭିଯୋଗକାରୀ ସତ୍ୟପାଠରେ ଦର୍ଶାଯାଇଥିବା ପର୍ଯ୍ୟାପ୍ତ ଏବଂ ଯଥାର୍ଥ କାରଣ ପାଇଁ ଆବେଦନକାରୀଙ୍କ ସହିତ ଅପରାଧକୁ ରଫା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏହିପରି ରଫା ଉପଯୁକ୍ତ ହେବ । ଯେ ପର୍ଯ୍ୟନ୍ତ ଧାରା 323 ଅନୁଯାୟୀ ଅପରାଧ ଜଡ଼ିତ , ସେହି କ୍ଷେତ୍ରରେ ଆହତଙ୍କ ସମ୍ମତିରେ ଏହା ରଫା ଯୋଗ୍ୟ ହୋଇପାରିବ । ଯେ ପର୍ଯ୍ୟନ୍ତ ଧାରା 324 ଅନୁଯାୟୀ ଅପରାଧ ଜଡ଼ିତ, ସେହି କ୍ଷେତ୍ରରେ ଭାରତୀୟ ଦଣ୍ଡ ସଂହିତାର ଧାରା 320 ର ଉପ-ଧାରା (2) ଅନୁଯାୟୀ ନ୍ୟାୟାଳୟଙ୍କ ଅନୁମତି ସହ ଏହାକୁ ଆହତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ରଫା କରାଯାଇପାରିବ ।

6. ସେହି ମାମଲାକୁ ଦୃଷ୍ଟିରେ ରଖି ଅପରାଧକୁ ରଫା କରି ଦୋଷୀସାବ୍ୟସ୍ତିକରଣ ଏବଂ ଦଣ୍ଡାଦେଶକୁ ରଦ୍ଦ କରିଦିଆଗଲା ।

7. ତଦନୁସାରେ, ଆବେଦନଟିର ଫଇସଲା କରାଗଲା ।

ଆର୍. ପି. ଆବେଦନକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।